# କଳା ମାଣିକରେ

## ଅଭିମନ୍ୟୁ ସାମନ୍ତସିଂହାର

### କବି ପରିଚୟ

**ଅଭିମନ୍ୟୁ ସାମନ୍ତସିଂହାର :** ଓଡ଼ିଆ ସାହିତ୍ୟର ରୀତିଯୁଗୀୟ କବିମାନଙ୍କ ମଧ୍ୟରେ ଅଭିମନ୍ୟୁ ସାମନ୍ତସିଂହାର ଜଣେ ପ୍ରମୁଖ ସ୍ରଷ୍ଟା । ଯାଜପୁର ଜିଲ୍ଲା ବାଲିଆର ସାମନ୍ତ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ଅଭିମନ୍ୟୁ ସରଳ ଗାଉଁଲୀ ଭାଷାରେ ସୁନ୍ଦର କବିତା ରଚନା କରୁଥିଲେ । ପରେ ସେ ରାଧାକୃଷ୍ଣଙ୍କ ଲୀଳାକୁ ଆଧାର କରି କାବ୍ୟ କବିତାମାନ ରଚନା କରିଥିଲେ । ବିଦଗ୍ଧ ଚିନ୍ତାମଣି, ପ୍ରେମକଳା, ରସବତୀ, ସୁଲକ୍ଷଣା, ବାଘଗୀତ, ଚଢ଼େଇଗୀତ, ବୋଲେ ହୁଁ ଟି ଇତ୍ୟାଦି ତାଙ୍କର କେତୋଟି ଲୋକପ୍ରିୟ ସୃଷ୍ଟି ।

'କଳାମାଣିକରେ' ବିଦଗ୍ଧ ଚିନ୍ତାମଣି କାବ୍ୟର ସତଷଠି ଛାନ୍ଦରୁ ଅଣାଯାଇଛି । ଏଥିରେ କୃଷ୍ଣ ସଂଧ୍ୟାସମୟରେ ଗାଈଗୋଠ ଧରି ଫେରିବାରେ ବିଳମ୍ବ ହେବାରୁ ମାତା ଯଶୋଦାଙ୍କ ମନରେ ବ୍ୟସ୍ତତା ଦେଖା ଦେଇଛି । ଏହି କବିତାରେ ବାତ୍ସଲ୍ୟମୟୀ ମାତୃହୃଦୟର ଆବେଗକୁ ସୁନ୍ଦରଭାବେ ବର୍ଣ୍ଣନା କରାଯାଇଛି ।

ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ,
ବାତ୍ସଲ୍ୟ–ମମତା ଘେନି ଭାଳୁଛନ୍ତି ମାତ ।     କଳାମାଣିକ ରେ ।।୧।।

ନିଧନ ସଙ୍ଖାଳି ମୋର ଦରିଦ୍ର ପସରା,
ଅନ୍ଧ ଲଉଡ଼ି ବାବୁରେ ହୃଦ ରତ୍ନହାରା ।     କଳାମାଣିକ ରେ ।।୨।।

ମୋ ଜୀବ ଜୀବନ ତୁହି ନୟନ ପ୍ରତିମା,
ତୋତେ କି ପାସୋରି ହେବ, ମୋର ସୁଖ ସୀମା !  କଳାମାଣିକ ରେ ।।୩।।

ଡରୁଥାଉ ଅନ୍ଧାରକୁ ରଖିଯାଉ ଗୋରୁ,
ଜନକ ଜନନୀ ସୁଖ କାହିଁପାଇଁ ସାରୁ !     କଳାମାଣିକ ରେ ।।୪।।

ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ,
ହୃଦତାପ ବିନାଶନେ ତୁ ହରିଚନ୍ଦନ ।    କଳାମାଣିକ ରେ ।।୫।।

ଗୋଟିକା, ଅଧାମ, ସର ନ ରୁଚଇ ତୋତେ,
ନାଚି ଲାଞ୍ଛ ମାଗୁଥାଉ ଲବଣି କେମନ୍ତେ !    କଳାମାଣିକ ରେ ।।୬।।

ତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁହି,
ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ !    କଳାମାଣିକ ରେ ।।୭।।

ଡାକିନୀ ଲୋଭାନ୍ତି ବୋଲି ଡରୁଥାଇ ମନେ,
ବାର ବାର ବାରୁଥାଇ ଯିବା ପାଇଁ ବନେ !    କଳାମାଣିକ ରେ ।।୮।।



ନିଶାଚର ମାତିବାର ଶୁଭୁଛି ଶ୍ରୁତିକି,
ମୁଁ ଡଙ୍କୁଣୀ ଛାଡ଼ିଦେଲି ବନକୁ କାହିଁକି !    କଳାମାଣିକ ରେ ।।୯।।

ଝାଳ ବହୁଥିବ ଅଙ୍ଗୁ ଲାଗି, ଝାଞ୍ଜି ଖରା,
ଶ୍ରମ ପାଇ ତରୁତଳେ ବସିଥିବୁ ପରା !    କଳାମାଣିକ ରେ ।।୧୦।।

ନେଲୁ ନାହିଁ କାହିଁ ପାଇଁ ତୋ' କଠାଉ ଛତା,
ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା !    କଳାମାଣିକ ରେ ।।୧୧।।

କାନ ଡେରିଥାଇ ଏକା ତୋ' ବେଣୁ ଗୀତକୁ,
ଆଜ କିମ୍ପା ଶୁଭୁ ନାହିଁ ଭାବୁଛି ମନକୁ !    କଳାମାଣିକ ରେ ।।୧୨।।

**ସୂଚନା :**

ଅନ୍ଧଲଉଡ଼ି – ଅନ୍ଧ ଲୋକ ବାଡ଼ି ସାହାଯ୍ୟରେ ବାଟ ଖୋଜି ଚାଲେ । ବାଡ଼ିଟି ତା' ପାଇଁ ସବୁଠାରୁ ବେଶି ପ୍ରିୟ, ବେଶି ପ୍ରୟୋଜନ ।

ନିଶାଚର – ରାତିଚର, ରାକ୍ଷସ

ଶ୍ରୁତି – କାନ, ଶୁଣିବା

# ଅଭ୍ୟାସ

୧. ଉତ୍ତର କୁହ ।

(କ) ମାତା ଯଶୋଦା କାହିଁକି ଚିନ୍ତିତ ହୋଇ ପଡ଼ିଛନ୍ତି ?

(ଖ) ଶ୍ରୀକୃଷ୍ଣଙ୍କୁ କେଉଁ ଖାଦ୍ୟ ରୁଚୁନଥିଲା ?

(ଗ) ଯଶୋଦା ନିଜକୁ ଡଙ୍କୁଣୀ ବୋଲି କାହିଁକି କହିଛନ୍ତି ?

(ଘ) ଶ୍ରୀକୃଷ୍ଣଙ୍କ ପାଦରେ କଣ୍ଟା ଫୁଟିଯିବାର ଆଶଙ୍କା ମାଆଙ୍କ ମନରେ କାହିଁକି ସୃଷ୍ଟି ହୋଇଛି ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

(କ) ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବାର ତାତ୍ପର୍ଯ୍ୟ କ'ଣ ?

(ଖ) ପୁଅର କେଉଁ ସବୁ କାର୍ଯ୍ୟ ମନେପକାଇ ମାଆ ଭାଳି ହେଉଛନ୍ତି ?

(ଗ) ମାଆଙ୍କର ହୃଦୟତାପ ବିନାଶ କରିବାରେ ଶ୍ରୀକୃଷ୍ଣ ହରିଚନ୍ଦନ ପରି ଥିଲେ ବୋଲି କହିବାର କାରଣ କ'ଣ ?

(ଘ) ଶ୍ରୀକୃଷ୍ଣ କିପରି ଯଶୋଦାଙ୍କର ସୁଖର କାରଣ ଥିଲେ ?

(ଙ) ଶ୍ରୀକୃଷ୍ଣଙ୍କର ବେଣୁସ୍ୱନକୁ କାନଡେରିବା ପ୍ରସଙ୍ଗରେ କେଉଁଭାବ ପ୍ରକାଶ ପାଇଛି ?

୩. ପଠିତ କବିତାକୁ ମନେ ପକାଇ କବିତାଂଶ ପୂରଣ କର ।

(କ) ଅନ୍ଧଲଉଡ଼ି ବାବୁରେ ______________

(ଖ) ______________ ରଖିଯାଉ ଗୋରୁ

(ଗ) ହୃଦତାପ ବିନାଶନେ ______________

(ଘ) ______________ ସର ନ ରୁଚଇ ତୋତେ

(ଙ) ବନେ କଣ୍ଟା ଲାଗି ହୋଏ ______________

୪. **ସରଳ ଭାଷାରେ ବୁଝାଇ ଲେଖ ।**

(କ) ତୋଳି ମୁଁ ଧଇଲେ ..................... ପଶିବଇଁ ମୁହିଁ ।

(ଖ) ନେଲୁ ନାହିଁ କାହିଁ ପାଇଁ ................ ମୃଦୁ ପାଦ ଚିନ୍ତା ।

୫. **ଅସଜଡ଼ା ପଦକୁ ସଜାଡ଼ି ଲେଖ ।**

(କ) ତୁ ତୁ ବିନାଶନେ ଏକଇ ବୃଦ୍ଧକାଳେ ନନ୍ଦ ହୃଦତାପ ହରିଚନ୍ଦନ ମୋହର ।

(ଖ) ଶ୍ରୁତିକି ଡଙ୍କୁଣୀ ବନକୁ ମାତିବାର ଶୁଭୁଛି ଛାଡ଼ିଦେଲି ନିଶାଚର କାହିଁକି ମୁଁ ।

୬. **ଯଶୋଦା ଶ୍ରୀକୃଷ୍ଣଙ୍କୁ କ'ଣ କ'ଣ ସମ୍ବୋଧନ କରି ଡାକିଛନ୍ତି, ସେହି ନାମଗୁଡ଼ିକ ଲେଖ ।**

୭. **ରେଖାଙ୍କିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।**

(କ) ନିଧନ ସଙ୍ଖାଳି ମୋର ଦରିଦ୍ର ପସରା ।

(ଖ) ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ ।

(ଗ) ଗୋଟିକା ଅଧାମ ସର ନ ରୁଚଇ ତୋତେ ।

(ଘ) ବନେ କଣ୍ଟା ଲାଗି ହୁଏ ମୃଦୁ ପାଦ ଚିନ୍ତା ।

(ଙ) ବାର ବାର ବାରୁଥାଇ ଯିବା ପାଇଁ ବନେ ।

୮. **ତଳେ ଦିଆଯାଇଥିବା ସମୋଚ୍ଚାରିତ ଶବ୍ଦଗୁଡ଼ିକ ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟ ଲେଖ ।**

| | | | | |
|---|---|---|---|---|
| ବେଶି | ନିଧନ | ଶ୍ରୁତି | ନିଶା | ବର |
| ବେଶୀ | ନିଧନ | ଶ୍ରୁତି | ନିଶା | ବର |

୯. **ତଳଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।**

କାନନ, ଦରିଦ୍ର, ନୟନ, ଜନନୀ, ଲଉଡ଼ି

## ତୁମ ପାଇଁ କାମ



- ଏ ଗୀତଟିକୁ ସ୍ୱର, ତାଳ ସହ ଗାନ କର ।
- ସନ୍ତାନ ପ୍ରତି ସ୍ନେହ ପ୍ରକାଶ କରୁଥିବା ଏହିପରି ବିଭିନ୍ନ କବିଙ୍କର ଆଉ କେତୋଟି ଗୀତ ସଂଗ୍ରହ କର ଓ ପଢ଼ ।